# aurAkashvani, Sambalpur

## SAMBALPURI NEWS BULLETIN

### 17 August 2025 - 6.47- 6.52 am.

**********************************************

ଭୁବ୍‌ନେଶ୍ୱର୍- ଝାର୍‌ସୁଗୁଡ଼ା ବିମାନ୍‌ସେବା/ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ନୁ ଝାର୍‌ସୁଗୁଡ଼ାକେ ଗଲାକାଏଲ୍ ବିମାନ୍‌ସେବା ମୁଲ୍ ହେଇଛେ । ଷ୍ଟାର୍ ଏୟାର୍ ତର୍‌ଫୁ ଇ ରୁଟ୍‌ଥି ୭୬ଟା ଆସନ୍ ଥିବା ବିମାନ୍ ଚଲାଚଲ୍ କର୍‌ବା । ଓଡ଼ିଶା ନୂଆଁ ଗନ୍ତବ୍ୟ ସ୍ଥଲ୍ ନୀତିଥି ରାଜ୍ୟ ସର୍‌କାର୍ ଇ ରୁଟ୍ ନ ବିମାନ୍ ଉଡ଼ାନ୍ ଲାଗି ଭିଜିଏଫ୍ ଦେବେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ବିମାନ୍ ଚଲାଚଲ୍‌ର ଶୁଭାରମ୍ଭ କର୍‌ବାର୍ ସହେତେ ପହେଲା ଯାତ୍ରୀଙ୍କୁ ବୋର୍ଡିଂ ପାସ୍ ଦେଇଛନ୍ । ଇ ବିମାନ୍ ରଏବାର୍ ଆର୍ ସୋମ୍‌ବାର୍ ଛଡ଼ା ହପ୍ତାକ ୫ ଦିନ୍ ଚଲାଚଲ୍ କର୍‌ବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ       I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ

ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଏସ୍.ପି.ସଡ଼କ୍ ସୁରକ୍ଷା-ବୈଠକ୍ କଟକ୍ ସମ୍ବାଦଦାତା

ରାଜ୍ୟ ପୁଲିସ୍ ମୁଖ୍ୟାଳୟ ନ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୁର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତର୍ ନ ସଡ଼କ୍ ସୁରକ୍ଷାକେ ଅଏତ୍‌କା ବରକସ୍ କର୍‌ବାର୍ ଲାଗି ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ରାଜ୍ୟ ପରିବହନ୍ ପ୍ରାଧିକରଣ୍ ତର୍‌ଫୁ ହେଇଥିବା ବୈଠକ୍‌ଥି ସଡ଼କ୍ ପରିବହନ୍‌କେ କମାବାର୍, ଟ୍ରାଫିକ୍ ନିୟମ୍‌କେ କଡ଼ାକଡ଼ି ପାଲନ୍, ଜାତୀୟ ରାଜ୍‌ପଥ୍ ପେଟ୍ରୋଲିଂ, ସିସିଟିଭି ନିରୀକ୍ଷଣ୍, ସଚେତନତା କାର୍ଯ୍ୟକ୍ରମ୍ ଆଉ ସ୍କୁଲ୍ କଲେଜ୍ ସ୍ତର୍ ନ ସଡ଼କ୍ ସୁରକ୍ଷା ଶିକ୍ଷା ବାଗିର୍ ବିଷେ ଉପ୍‌ରେ ଆଲୋଚନା ହେଇଥିଲା ।

ଏସ୍‌ଟିଏ- ଚଢ଼ଉ ଆର୍‌ଏନ୍‌ୟୁ/ ସମ୍ବଲପୁର

ସଡ଼କ୍ ସୁରକ୍ଷା ନିୟମ୍ ଉଲ୍ଲଂଘନ୍ କର୍‌ବାର୍ ଘଟ୍‌ନାଥି ରାଜ୍ୟ ପରିବହନ୍ ପ୍ରାଧିକରଣ୍-ଏସ୍‌ଟିଏ କମିଶନର୍‌ଙ୍କର୍ ନିର୍ଦ୍ଦେଶ୍‌ଥି ରାଜ୍ୟର୍ ସବୁ ଆଂଚଲିକ୍ ପରିବହନ୍ କାର୍ଯ୍ୟାଳୟ- ଆରଟିଓ ତର୍‌ଫୁ ଚଢ଼ଉ୍‌କେ

କଡ଼ାକଡ଼ି କରାଯାଇଛେ । ଗଲା ୨ ଦିନ୍ ଭିତ୍‌ରେ ମାଲ୍‌ବାହୀ ଗାଡ଼ିଥି ରେଟ୍ରା ରିଫ୍ଲେକ୍ଟିଭ୍ ଟେପ୍ ଲଗାଯାଇ ନାଇଁଥିବାର୍‌ନୁ ୨ ଶହ ୨୭ ଟା ଗାଡ଼ିର୍ ଫିଟ୍‌ନେସ୍ ପ୍ରମାଣ୍‌ପତ୍ରକେ ରଦ୍ଦ କରାଯାଇଛେ । ଆଗ୍‌କେ ଯଦି ଗାଡ଼ି ମାଲିକ୍‌ମାନେ ଇ ଦିଗେ ସଚେତନ୍ ନାଇଁ ହେବେ, ସେମାନ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଡ୍ରାଇଭର୍ ନିଯୁକ୍ତି ହି.ସ.

ପୁଲିସ୍ ମୋଟର୍ ପରିବହନ୍ ପିଏମ୍‌ଟି ବିଭାଗ୍‌ଥି ଡ୍ରାଇଭର୍ ନିଯୁକ୍ତି ଲାଗି ଆଏବା ୨୨ ତାରିଖ୍‌ନୁ ଶାରୀରିକ ଦକ୍ଷତା ଆଉ ଡ୍ରାଇଭିଂ ପରୀକ୍ଷା ମୁଲ୍ ହେବା । ସମ୍ବଲ୍‌ପୁର୍, ଭୁବ୍‌ନେଶ୍ୱର୍, ବ୍ରହ୍ମପୁର୍, ବାଲେଶ୍ୱର୍ ଆଉ କଟକ୍ ଠାନେ ଇ ପରୀକ୍ଷା ହେବା ବଲି ଓଡ଼ିଶା ପୁଲିସ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଲିଖିତ୍ ପରୀକ୍ଷାଥି ପାସ୍ କଲା ଉତ୍‌ରୁ ଆଶାୟୀ ପ୍ରାର୍ଥୀମାନେ ପ୍ରବେଶ୍ ପତ୍ର ଡାଉନ୍‌ଲୋଡ୍ କର୍‌ବାର୍ ସହେତେ ଓଡ଼ିଶା ପୁଲିସ୍ ୱେବ୍‌ସାଇଟ୍‌ନୁ ଅଏତ୍‌କା ସୂଚ୍‌ନା ପାଇପାର୍‌ବେ ।

ଡିଜିଟାଲ୍ ଫସଲ୍ ସର୍ବେକ୍ଷଣ୍ ଆର୍‌ଏନ୍‌ୟୁ/କଟକ୍

ରାଏଜେ ଗଲାକାଏଲ୍‌ନୁ ଡିଜିଟାଲ୍ ଫସଲ୍ ସର୍ବେକ୍ଷଣ୍ ମୁଲ୍ ହେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ପରିଚାଲିତ୍ ଇ ସର୍ବେକ୍ଷଣ୍‌ଥି ଚାଷୀମାନ୍‌କର୍ ଚାଷ୍ ଜମିନ୍‌ର ସବୁ ତଥ୍ୟ ସଂଗ୍ରହ କରାଯାଉଛେ । ଜମିର୍ କିସମ୍, ଆୟତନ୍, ଫସଲ୍‌ର ନାଁ, ପାଏନ୍ ମଡ଼ାବାର୍ ପରିମାଣ୍ ଦେଇକରି ଇ ଅଭିଯାନ୍‌ଥି ସାମିଲ୍ ହେବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚନା ଦିଆଯାଇଛେ ।

ତୃତୀୟ ଲିଙ୍ଗି-ସ୍ୱତନ୍ତ୍ର ବର୍ଗ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ତୃତୀୟ ଲିଙ୍ଗି ମାନ୍‌କର୍ ଲାଗି ଖାସ୍ ବର୍ଗ ରଖିବାର୍‌କେ ସାମାଜିକ୍ ନ୍ୟାୟ ଆଉ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ସବୁ ବିଭାଗ୍‌କେ ଚିଠି ଜରିଏ ଜନେଇ ଦିଆଯାଇଛେ । ପୁରୁଷ ଆଉ ମହିଳାମାନ୍‌କର୍ ବାଗିର୍ ତୃତୀୟ ଲିଙ୍ଗିମାନ୍‌କର୍ ଲାଗି ଆବେଦନ୍‌ଥି ଖାସ୍ ବ୍ୟବସ୍ଥା ପ୍ରସ୍ତାବ୍‌କେ ନେଇକରି ଚିଠିଥି କୁହାଯାଇଛେ । ଇତାର୍‌ସହେତେ ନିଯୁକ୍ତି ଲାଗି ଆବେଦନ୍ ଫର୍ମଥି ତୃତୀୟ ଲିଙ୍ଗିଙ୍କର୍ ଲାଗି ବ୍ୟବସ୍ଥା ରଖିବାର୍‌କେ ସବୁ ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଭୀମ୍‌ସାର-ଏମ୍‌ଆର୍‌ଆଇ ମିସିନ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୁର୍ଲା ଭୀମ୍‌ସାର୍ ନ ଗଲାକାଏଲ୍ ଏମ୍‌ଆର୍‌ଆଇ ମିସିନ୍ ପୁହୁଁଚିଛେ । ରାଜ୍ୟ ସର୍କାର୍ ଭୀମ୍‌ସାର୍‌କେ ଉନ୍ନତ୍‌ମାନର୍ ଆଉ ଅତ୍ୟାଧୁନିକ୍ ୩ ଟା ଟେସ୍‌ଲା କ୍ଷମତା ବିଶିଷ୍ଟ ଏମ୍‌ଆର୍‌ଆଇ ମିସିନ୍ ଦେଇଛନ୍ । ଏତ୍‌କର ରୋଗୀମାନେ ଇ ମିସିନ୍ ଜରିଏ ଏମ୍‌ଆର୍‌ଆଇ ଚିକିତ୍ସା ମାହାଲିଆଥି ପାଇପାର୍‌ବେ । ଇ ନୂଆଁ ମିସିନ୍ କାର୍ଯ୍ୟକ୍ଷମ୍ ହେବାର୍‌କେ ମାସେ ସମିଆ ଲାଗ୍‌ବା ବଲି ମେଡ଼ିକାଲ୍ ଅଧିକ୍ଷକ ପ୍ରଫେସର୍ ଡକ୍ଟର୍ ଲାଲ୍‌ମୋହନ୍ ନାଏକ୍ କହିଛନ୍ ।

ବାଜପେୟୀ ପୁଣ୍ୟତିଥି ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଟାଉନ୍‌ହଲ୍ ଠାନେ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଆଉ ଓଡ଼ିଶା ସାହିତ୍ୟ ଏକାଡେମୀ ତର୍‌ଫୁ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଅଟଲ୍ ବିହାରୀ ବାଜପେୟୀଙ୍କର୍ ପୁଣ୍ୟତିଥି ଅବ୍‌ସରେ ଗୁଟେ ସ୍ମୃତି ଉତ୍ସବ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି କନ୍ଧମାଲ୍ ସାଂସଦ୍ ସୁକାନ୍ତ ପାଣିଗ୍ରାହୀ ଆଉ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ପ୍ରମୁଖ ଯୋଗ୍ ଦେଇଥିଲେ ।

ଫାଇଲେରିଆ ସାମୂହିକ୍ ଉଷୋ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁବର୍ଣ୍ଣପୁର୍ ଜିଲ୍ଲା ନ ଗଲା ୧୦ ତାରିଖ୍‌ନୁ ଫାଇଲେରିଆ ନିରାକରଣ୍ ଲାଗି ସାମୂହିକ୍ ଉଷୋ ଖୁଆବାର୍ କାର୍ଯ୍ୟକ୍ରମ୍ ଚାଲିଛେ । ଆଏଜ୍‌ତକ୍ ଜିଲ୍ଲା ନ ୨ ଲାଖ୍ ୫୮ ହଜାର୍ ୫୪ ଝନ୍ ହିତାଧିକାରୀ ଇ ଉଷୋ ଖାଇସାର୍‌ଲେନ । ଆଉ ଆଏବା ୩ ଦିନ୍ ଭିତ୍‌ରେ ଲଖେ ୭୨ ହଜାର୍ ୭ ଶହ ୬୨ ଝନ୍ ଇ ଉଷୋ ଖାଏବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ।

ଶିକ୍ଷା ବିଭାଗ୍- ପ୍ରକଳ୍ପ ୟୁନିଟ୍ ବୈଠକ     ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ଶିକ୍ଷା ବିଭାଗ୍‌ର ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ବୈଠକ୍ ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ହେଇଯାଇଛେ । ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ବୈଠକ୍‌ଥି ଅଧ୍ୟକ୍ଷତା କରିକରି କହିଛନ୍, ସବୁ ଶିକ୍ଷାର୍ଥୀ ମୌଳିକ୍ ସାକ୍ଷରତା ଆଉ ସଂଖ୍ୟାଜ୍ଞାନ୍‌କେ ହାସଲ୍ କର୍‌ବାର୍ ସହେତେ ଇ କାର୍ଯ୍ୟକ୍ରମ୍‌କେ ବର୍‌କସ୍ କରାଯାଇପାର୍‌ବା ।

ମଟ୍‌କାଫୋଡ଼ୋ ଉତ୍ସବ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ତରବୋର୍ଡ଼ ପିଏମ୍‌ଶ୍ରୀ ବିଦ୍ୟାଳୟ ନ ଜନ୍ମାଷ୍ଟମୀ ଉତ୍ସବ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ମଟ୍‌କାଫୋଡ଼ୋ ଉତ୍ସବ୍

କରାଯାଇଛେ । ଇଥି ବିଦ୍ୟାଲୟର୍ ଛାତ୍ରମାନେ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ୨୨ ଟା ଜିଲ୍ଲାକେ ସତର୍କ କରାଯାଇଛେ ।